# Akashvani, Sambalpur

## SAMBALPURI NEWS EVENING BULLETIN

## 29 September 2025- 7.02 pm- 7.12 pm.

*******************************************

୧- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଛେ ରାଜ୍ୟ କେବିନେଟ୍‌ର ବୈଠକ୍ । ୩ଟା ବିଭାଗ୍‌ର ୪ଟା ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

୨- ମହାଷ୍ଟମୀ ତିଥି ନ ପଶ୍ଚିମ ଓଡ଼ିଶାର ଭିନ୍ ଭିନ୍ ଶକ୍ତି ପୀଠ ନ ଆଏଜ୍ କରାଯାଉଛେ ଭାଇ ଜିଉଁତିଆ ପୂଜା ।

ଭବାନୀପାଟଣା ନ ଆଏବାକାଏଲ୍ ହେବା କଳାହାଣ୍ଡିର୍ ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କର୍ ପ୍ରସିଦ୍ଧ ଛତର ଯାତ୍ରା ।

ଆଉର୍

୩- ହୃଦ୍‌ପିଣ୍ଡର୍ ଆଉ ଇତାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ହୃଦ୍‌ପିଣ୍ଡ ଦିବସ୍ ।

ରାଜ୍ୟ କେବିନେଟ୍ ବୈଠକ୍          ଭୁବନେଶ୍ୱର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ୨୭ ନମ୍ବର ରାଜ୍ୟ କେବିନେଟ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟର୍ ବିକାଶ ଲାଗି ୩ଟା ବିଭାଗ୍‌ର ୪ଟା ଜରୁରୀ ପ୍ରସ୍ତାବ୍‌କେ ମଞ୍ଜୁର କରାଯାଇଛେ । ଶ୍ରମ ବିଭାଗ୍‌ର ବାଣିଜ୍ୟ ପ୍ରତିଷ୍ଠାନ୍ ଆଇନ ୧୯୫୬, କାରଖାନା ଆଇନ ୧୯୪୮ର ୬୩ ନମ୍ବର ଆଇନକେ ସଂଶୋଧନ୍ କରାଯାଇଛେ । ମହିଳା କର୍ମଚାରୀମାନ୍‌କର ସମ୍ମତି ପତ୍ର ଆଧାର୍‌ଥି ସେମାନେ ରାତି କାମ୍ କରିପାର୍‌ବେ । ସେନ୍ତା କର୍ମଚାରୀମାନ୍‌କର ଦିନ୍‌କିଆ କାମ୍ ସମିଆକେ ୯ ଘଂଟାନୁ ୧୦ ଘଂଟାକେ ବଢ଼ାଯାଇଛେ । ହପ୍ତାକ ୪୮ ଘଂଟାନୁ ଅଏତ୍‌କା କାମ୍ କଲେ କର୍ମଚାରୀମାନ୍‌କୁ ଅଏତ୍‌କା ପାରିଶ୍ରମିକ୍ ଦିଆଯିବା । ତିନ୍‌ମାସିଆ ଅତିରିକ୍ତ କାମ୍‌କେ ଶହେ ୪୪ ଘଂଟାକେ ବଢ଼ାଯାଇଛେ । ଗଣଶିକ୍ଷା ବିଭାଗ୍‌ର ଗୋଦାବରୀଶ ପ୍ରାଥମିକ୍ ବିଦ୍ୟାଳୟ ଯୋଜ୍‌ନାକେ କେବିନେଟ୍‌ର ମଞ୍ଜୁରୀ ମିଳିଛେ । ପୂର୍ତ୍ତ ବିଭାଗ୍‌ର ଘଟଗାଁ ତାରିଣୀ ପୀଠର୍ ବିକାଶ ଲାଗି ଶହେ ୪୬ କୋଟି ଟଙ୍କାର୍ ପ୍ରକଳ୍ପକେ କେବିନେଟ୍ ବୈକଠ୍‌ଥି ଅନୁମୋଦନ୍ ମିଳିଛେ । ବୈଠକ୍ ଉତ୍‌ରୁ ଗଣମାଧ୍ୟମକେ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍....
(ଭଏସ୍ ଓଭର--ମୁଖ୍ୟମନ୍ତ୍ରୀ)

ରିଜର୍ଭ ବେଙ୍କ ଏନ୍‌ଏସ୍‌ଡି

କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବେଙ୍କର୍ ଡେପୁଟି ଗଭର୍ନର ଭାବେ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ନିଯୁକ୍ତି ଦେଇଛନ୍ । ଶ୍ରୀ ମୁର୍ମୁ ଆଏବା ମାସର୍ ୯ ତାରିଖ୍ ଦାୟିତ୍ୱ ନେବାର୍ ସହେତେ ଇ ପଦ୍‌ବୀ ଥି ଆଏବା ୩ ବଛର୍ ତକ୍ ରହେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆକରି ନିଯୁକ୍ତି ପାଇଥିବା ଡେପୁଟି ଗଭର୍ନର ଶ୍ରୀ ମୁର୍ମୁଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ଧର୍ମେନ୍ଦ୍ର ପ୍ରଧାନ ଧଉଳି ପରିଦର୍ଶନ I&PR

କେନ୍ଦ୍ର ସରକାରକଙ୍କର ପୂର୍ବୋଦୟ ମିଶନ୍‌ଥି ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତର୍ ମାର୍ଗଦର୍ଶନ୍‌ର ପ୍ରତୀକ୍ ଧଉଳି ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଭୁବନେଶ୍ୱର ନ ଥିବା ଶାନ୍ତି ସ୍ତୁପ ଧଉଳିକେ ଆଏଜ୍ ଶ୍ରୀ ପ୍ରଧାନ ପରିଦର୍ଶନ୍ କରିଛନ୍ । କଳିଙ୍ଗ ସାମ୍ରାଜ୍ୟର୍ ଐତିହ୍ୟ ଭିତିଥି ବିକଶିତ୍ ଭାରତ୍ ଆଉ ବିକଶିତ୍ ଓଡ଼ିଶା ଲାଗି ରାସ୍ତା ତିଆର୍ କର୍‌ବାର୍ ଲାଗି ରାଜ୍ୟ ସରକାର ସବୁ ରକ୍‌ମର ଚେରେଷ୍ଟା ଜାରି ରଖିଛନ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍ । ପ୍ରାଚୀନ୍ କଳିଙ୍ଗର୍ ରାଜନୀତି, ସଂସ୍କୃତି, ଧର୍ମ ଆଉ ଲିପିର୍ ଇତିହାସ ଜାନ୍‌ବାର୍ ଲାଗି ଇ ଶୀଳାଲେଖମାନେ ଅମୂଲ୍ୟ

ଭଣ୍ଡାର୍ ଆନ୍ । ଭାରତ୍‌କେ ସ୍ୱଦେଶୀ ଅର୍ଥନୀତି ସହେତେ ଜୁଡ଼୍‌ବାର୍, ପରିବେଶ୍‌କେ ସଫା ରଖ୍‌ବାର୍ ଆଉ ଆର୍ଥିକ୍ ଅଭିବୃଦ୍ଧିକେ ଗତି ଦେବାର୍ ଲାଗି ସାମୂହିକ୍ ଉଦ୍ୟମ୍ କଲେ ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍‌ର ଲକ୍ଷ୍ୟ ସାକାର୍ ହେଇପାର୍‌ବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଶ୍ କରିଛନ୍ ।

ସେବା ପର୍ବ-ରେଳବାଇ ବିକାଶ ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ - ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା କେନ୍ଦ୍ର ସରକାର ଭାରତୀୟ ରେଲ୍‌କେ ଯାତ୍ରୀମାନ୍‌କର ଲାଗି ଅଏତ୍‌କା ସୁରକ୍ଷିତ୍ ଆଉ ସୁଗମ୍ କର୍‌ବାର୍‌କେ ନେଇଥିବା ପଦ୍‌କ୍ଷେପ୍ ବାବ୍‌ଦେ...

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଗଲା ଦଶନ୍ଧିନ ଭାରତୀୟ ରେଲ୍‌ବାଇ କ୍ଷେତ୍ରଥି ବହୁତ୍‌ଟେ ସଂସ୍କାର୍‌ମୂଲକ୍ ପଦକ୍ଷେପ୍ ନିଆଯାଇଛେ । ଭାରତର୍ ରେଲ୍‌ବାଇ କ୍ଷେତ୍ର ନ ଗୁଟେ ବିପ୍ଳବ୍ ଆସ୍‌ବାର୍ ସହେତେ ଦେଶର୍ ଜୀବନ୍ ରେଖାକେ ପ୍ରଗତିର୍ ଦିଗ୍‌କେ ନିଆଯାଇଛେ । ଯାତ୍ରୀମାନ୍‌କୁ ଅଏତ୍‌କା ଆରାମ୍‌ଦାୟକ୍, ସୁରକ୍ଷିତ୍ ଆଉ ବିଶ୍ୱସ୍ତରୀୟ ଯାତ୍ରା ଅଭିଜ୍ଞତା ଦେବାର୍ ଲାଗି ଭାରତୀୟ ରେଲ୍‌ପଥକେ ଗଲା ଦଶନ୍ଧିଥି ରୂପାନ୍ତରିତ୍ କରାଯାଇଛେ । କାଶ୍ମୀରନୁ କନ୍ୟାକୁମାରୀ ତକ୍ ଭାରତୀୟ ରେଲ୍‌ପଥ ସଂଯୋଗ୍ ଲାଗି ଯା'ଆସ୍ ସହଜ୍ ହେଇପାରିଛେ । ଉଧମ୍‌ପୁର-ଶ୍ରୀନଗର-ବାରାମୁଲା ରେଲ୍‌ଲାଇନ୍ ଶୁଭାରମ୍ଭ କରି କରି  ପ୍ରଧାନମନ୍ତ୍ରୀ କହିଛନ୍....

(ଭଏସ୍ ଓଭର--ପ୍ରଧାନମନ୍ତ୍ରୀ)

ରେଲ୍ ଯାତ୍ରାକେ ଅଏତ୍‌କା ନିରାପଦ୍ ଆଉ ସୁଗମ୍ କର୍‌ବାର୍ ଲାଗି ଅମୃତ୍ ଭାରତ୍ ଟ୍ରେନ୍ ଆଉ ନମୋ ଭାରତ୍ ଦ୍ରୁତଗାମୀ ଟ୍ରେନ୍ ଚଲାଯାଉଛେ । ଆଏବା ୨ ନୁ ୩ ବଛର୍ ଭିତ୍‌ରେ ୨ ଶହ ଟା ନୂଆ ବନ୍ଦେ ଭାରତ୍ ଟ୍ରେନ୍, ଶହେଟା ଅମୃତ୍ ଭାରତ୍ ଟ୍ରେନ୍, ୫୦ଟା ନମୋ ଭାରତ୍ ଆଉ ୧୭ ହଜାର ୫ଶହ ସାଧାରଣ ବଗି ମୁଲ୍ କରାଯିବା ବଲି ସରକାରଙ୍କର୍ ଯୋଜ୍‌ନା ରହିଛେ । ଭବିଷ୍ୟତ୍‌କେ ନଜର୍‌ଥି ରଖିକରି ୨୦୩୦ ମସିହାତକ୍ ରେଲ୍ ବ୍ୟବସ୍ଥାଥି ଉନ୍ନତି ଆନ୍‌ବାର୍ ଲାଗି ଜାତୀୟ ରେଲ୍ ଯୋଜ୍‌ନା ପ୍ରସ୍ତୁତ୍ କରାଯାଇଛେ ।

ଆକାଶବାଣୀ ସମ୍ବଲପୁର ସମ୍ବାଦବିଭାଗ୍ ତର୍‌ଫୁ ସୁପ୍ରୀତି ମିଶ୍ର ।

ଜିଏସ୍‌ଟି ସ୍ୱାସ୍ଥ୍ୟ ସେବା ଏନ୍‌ଏସ୍‌ଡି

କେନ୍ଦ୍ର ସରକାରଙ୍କର୍ ତର୍‌ଫୁ ଗଲା ୨୨ ତାରିଖ୍ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର ସାରା ଦେଶେ ଲାଗୁ କରାଯାଇଛେ । ଇତାକେ ସବୁ ମହଲ୍ ଆଉ ବର୍ଗର୍ ଲୋକ୍‌ମାନ୍‌କର ତର୍‌ଫୁ ସ୍ୱାଗତ୍ କରାଯାଉଛେ । ସ୍ୱାସ୍ଥ୍ୟସେବା କ୍ଷେତ୍ରଥି ଜିଏସ୍‌ଟି ୨.୦ ଅଧିନ୍‌ଥି କର୍କଟ, ଜଟିଲ୍ ରୋଗ୍‌ର ଚିକିତ୍ସା ଲାଗି ୩୬ଟା ଜୀବନ୍ ରକ୍ଷାକାରୀ ଉଷୋ ଉପ୍‌ରେ ଟିକସ୍ ଛାଡ଼ କରାଯାଇଛେ । ଗଜ୍ କପ୍‌ଡ଼ା, ବେଣ୍ଡେଜ୍, ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ ଆଉ ଥର୍ମୋମିଟର୍ ବାଗିର୍ ଜରୁରୀ ଉଷୋ ଆଉ ଚିକିତ୍ସା ଉପକରଣ ଉପ୍‌ରେ ଜିଏସ୍‌ଟି ୧୨ ନୁ ୫ ପ୍ରତିଶତ୍‌କେ କମ୍ କରାଯାଇଛେ । ସେନ୍ତା ସ୍ୱାସ୍ଥ୍ୟ ଆଉ ଜୀବନ୍ ବୀମା ପ୍ରିମିଅମ୍ ଉପ୍‌ରେ ଜିଏସ୍‌ଟି ଛାଡ଼ କରାଯାଇଛେ ।

ଭାଇ ଜିଉଁତିଆ ସମ୍ବଲପୁର୍/ ନୂଆପଡ଼ା/ ସୁବର୍ଣ୍ଣପୁର୍

ପଶ୍ଚିମ ଓଡ଼ିଶାର୍ ପ୍ରମୁଖ ଲୋକପର୍ବ ଭାଇ ଜିଉଁତିଆ ଆଏଜ୍ ପାଲନ୍ କରାଯାଉଛେ । ଭାଇ ମାନ୍‌କର୍ ଦୀର୍ଘ ଜୀବନ୍ ଆର୍ ମଙ୍ଗଲ୍ କାମ୍‌ନା କରିକରି ନାନୀ, ବହେନ୍ ମାନେ ଭାଇ ଜିଉଁତିଆ ପାଲନ୍ କରୁଛନ୍ । ଏଛେନ୍ ଗାଁ ଇଲାକାର୍ ପୂଜା କୁଠି ଆର୍ ସହର୍ ଇଲାକାର୍ ପୂଜା ମଣ୍ଡପ୍‌ମାନ୍‌କେ ଉପାସୀ ମାନେ ଫଲ୍‌ଫୁଲ୍, ଶହେ ୮ ଦୁବ୍ , ଅକ୍ଷତ ଚାଉଲ୍, ଜିଉଁତିଆ, ଜାଗର୍ ଆର୍ ଜୁଗାର୍ ଚଢ଼େଇକରି ଦଦା, ଭାଏ ମାନ୍‌କର୍ ମଙ୍ଗଲ୍ କାମ୍‌ନା କରୁଛନ୍ । ଆଏବା କାଏଲ୍ ନଦୀ ଆଉ ବନ୍ଧ୍ ମାନ୍‌କେ ପୂଜା ଉତ୍‌ରୁ ବହେନ୍‌ମାନେ ଦାଦା ଭାଇମାନ୍‌କୁ ଦୁବ୍ ଛିଏଁଇକରି ବନ୍ଦାବେ । ସେନ୍ତା ପୂଜା ମଣ୍ଡପ୍‌ମାନ୍‌କେ ଆଏଜ୍ ମୃଣ୍ମୟୀ ପ୍ରତିମାର ସପ୍ତମୀ ପୂଜା ଚାଲିଛେ । ଇ ବାବ୍‌ଦେ ସମ୍ବଲପୁର ସମଲେଇ ମନ୍ଦିର୍ ପରିସର୍‌ନୁ ଅଏତ୍‌କା ସୂଚ୍‌ନା ଦଉଛନ୍ ଆମର୍ ସମ୍ବାଦଦାତା....

(ଭଏସ୍ ଓଭର---ଗୁଣମଣି ବିଶ୍ୱାଳ)

ନୂଆପଡ଼ା ଜିଲ୍ଲା ନ ଭାଇ ଜିଉଁତିଆ ଲାଗି ବହେନ୍‌ମାନେ ନିର୍ଜଲା ଉପାସ୍ ରଖିକରି ଭାଏ ମାନ୍‌କର୍ ଦୀର୍ଘାୟୁ କାମନା ଆଉ କୁଶଲ୍ ମଙ୍ଗଲ୍ ଲାଗି ମା ଦୁର୍ଗାଙ୍କର୍ ଠାନେ ପୂଜା ପାଠ୍ କରୁଛନ୍ । ସେନ୍ତା ବୌଦ୍ଧ, ସୁବର୍ଣ୍ଣପୁର୍, କଲାହାଣ୍ଡି, ବରଗଡ୍, ବଲାଙ୍ଗିର୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲା ନ ଭିଲ୍ ବହେନ୍‌ମାନେ ତାଁକର୍ ଦଦା,

ଭାଏ ମାନ୍‌କର୍ ମଙ୍ଗଲ୍ କାମନା କରିକରି ଭାଇଁଜି ଉଁତିଆ ଉଷା ପାଲନ୍ କରୁଛନ୍ ।

ଛତର୍ ଯାତ୍ରା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କର୍ ପ୍ରସିଦ୍ଧ ଛତର୍ ଯାତ୍ରା ଆଏବାକାଏଲ୍ ପହପହନୁ ମୁଲ୍ ହେବା । ଦଶ୍‌ରା ମାସର୍ ଅନ୍ଧାର୍ ପଖର ମୁଲାଷ୍ଟମୀ ଦିନ ଭବାନୀପାଟଣା ରାଜପ୍ରସାଦ୍ ନଥିବା ମାଁ ମାଣିକେଶ୍ୱରୀଙ୍କର୍ ପୀଠ ନ ମୁଣ୍ଡବସା ଠାନୁ ମୁଲ୍ କରି କରି ମହାଷ୍ଟମୀ ତକ୍ ଖାସ୍ ପୂଜା କରାଯାଏସି । ମହାଷ୍ଟମୀ ରାତି ଗୁପ୍ତପୂଜା ଆଉ ମାଁଙ୍କର୍ ପୀଠ ନ ସ୍ୱତନ୍ତ୍ର ପୂଜା ହେଲା ଉତ୍‌ରୁ ନବ୍‌ମୀ ଦିନର୍ ପହପହ ନୁ ମାଁଙ୍କର ବିଜୟ ପ୍ରତିମା ଛତର୍ ଜେନାଖାଲ ନୁ ମନ୍ଦିର୍‌କେ ଫିର୍‌ସି । ଛତର୍ ଯାତ୍ରା ଲାଗି ମାଁ ମାଣିକେଶ୍ୱରୀ ମନ୍ଦିର ନ ଭକ୍ତଙ୍କର୍ ଜବର୍ ଭିଡ଼୍ ହେଇଛେ । ଯାତ୍ରା ସମିଆଥି ଶାନ୍ତିଶୃଙ୍ଖଲା ଲାଗି ବ୍ୟାପକ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ବିଶ୍ୱ ହୃତ୍‌ପିଣ୍ଡ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

‘ଗୁଟେ ଭିଲ୍ ହୃଦ୍‌ସ୍ୱନ୍ଦକେ ହାତଛଡ଼ା ନାଇ କରୁନ୍’ ବାର୍ତା ନେଇକରି ଆଏଜ୍ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଲନ୍ କରାଯାଉଛେ । ହୃଦ୍‌ରୋଗ ବିଷେଥି ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଆଝିର୍ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟ୍ରଲ୍, ମେଦବହୁଳତା, ମାନସିକ ଦୁର୍ଶ୍ଚିନ୍ତା, ଧୁମ୍ରପାନ, କମ୍ ପରିଶ୍ରମ ଆର୍ ବଦ୍‌ଲୁଥିବା ଜୀବନ୍‌ଶୈଲୀ ଲାଗି ଲୋକ୍‌ମାନେ ହୃଦ୍‌ରୋଗଥି ପିଡ଼ିତ ହେସନ୍ । ପୁର୍‌ଥି ନ ଫି ବଛର୍ ୧୭ ମିଲିୟନ୍ ଲୁକ୍‌କର୍ ହୃଦ୍‌ରୋଗ ସମସ୍ୟା ଲାଗି ଜୀବନ୍ ଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ୧୯୯୭ ମସିହାନୁ ହୃତ୍‌ପିଣ୍ଡ ଦିବସ୍ ପାଲନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ହୃଦ୍‌ପିଣ୍ଡ ଦିବସ୍ ଅବ୍‌ସରେ କହିଛନ୍, ସୁସ୍ଥ ହୃଦୟ ହିଁ ସୁସ୍ତ ଜୀବନ୍‌ର ଆଧାର୍ । ଇ ଦିବସ୍ ସମ୍‌କୁ ସୁସ୍ଥ ଜୀବନ୍ ଶୈଲୀ ଅପ୍‌ନାବାର୍ ସହେତେ ପ୍ରତିଶେଧ୍ ସ୍ୱାସ୍ଥ୍ୟ ବ୍ୟବସ୍ଥାକେ ଗ୍ରହଣ କର୍‌ବାର୍ ଆଉ ହୃଦ୍‌ରୋଗ୍ ବାବ୍‌ଦେ ସଚେତନ୍‌ତା ବଢ଼ାବାର୍ ଲାଗି ତହଁକାସି । ନିୟମିତ୍ ବ୍ୟାୟାମ୍, ସନ୍ତୁଳିତ୍ ଖାଦ୍ୟ ଆଉ ଠିକ୍ ସମିଆଥି ଡାକ୍ତର୍‌ମାନ୍‌କର ପରମର୍ଶ ସହେତେ ଇ ରୋଗ୍‌କେ ପ୍ରତିହତ୍ କରାଯାଇ ପାର୍‌ବା ବଲି ଶ୍ରୀ ମାଝୀ କହିଛନ୍ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର ପଶ୍ଚିମ ଆଉ ତାକେ ଲାଗି କରିଥିବା କେନ୍ଦ୍ରୀୟ ବଙ୍ଗୋପସାଗର ନ ହେଇଥିବା ଲଘୁଚାପ ଲାଗି ରାଜ୍ୟର୍ ଭିନ୍ ଭିନ୍ ଜାଗାନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଘଡ଼ଘଡ଼ି ସଙ୍ଗେ ବର୍ଷା ହେଇପାରେ ବଲି ୫ଟା ଜିଲ୍ଲାକେ ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଆଏବା ବୁଧବାର୍ ଦିନ ବଙ୍ଗୋପସାଗର୍ ନ ଆଉଗୁଟେ ଲଘୁଚାପ୍ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଦକ୍ଷିଣ ଓଡ଼ିଶା ନ ଜବର ବର୍ଷା ହେବାର୍ ଅନୁମାନ୍ କରାଯାଇଛେ ।